## ଧିଙ୍ଗିରୀ ଛତୁରୁ ଉପଯୁକ୍ତ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତିର କ୍ଷେତ୍ର ପରୀକ୍ଷଣ

ଛତୁକୁ ସାଧାରଣତଃ ଅନ୍ୟାନ୍ୟ ପନିପରିବା ଭଳି ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇପାରି ନଥାଏ । ଧିଙ୍ଗିରୀ ଛତୁ ଅତି ବେଶିରେ ୨-୩ ଦିନ ପର୍ଯ୍ୟନ୍ତ ସତେଜ ଅବସ୍ଥାରେ ରହିଥାଏ । ତେଣୁ ଏହାକୁ ଅଧିକ ଦିନ ସାଇତି ରଖିବା ପାଇଁ ଏଥିରୁ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରି ଏହାର ସ୍ୱାଦ ଏବଂ ମୂଲ୍ୟ ବୃଦ୍ଧି କରାଯାଇପାରୁଛି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ପୋଷ୍ୟଗ୍ରାମ ସାହାସପିଟା, ପଧାନପାଲି ଏବଂ ଲାଟୁରପେଟ୍ ଗ୍ରାମର ତିନୋଟି ସ୍ୱୟଂ ସହାୟକ ଗୋଷ୍ଠୀର ୧୩ ଜଣ ସଦସ୍ୟଙ୍କୁ ନେଇ ଧିଙ୍ଗିରୀ ଛତୁରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ଉପରେ ଏକ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ରବି ୨୦୨୩-୨୪ ରେ କରାଯାଇଥିଲା । ଏହି ପରୀକ୍ଷଣ ମାଧ୍ୟମରେ ଧିଙ୍ଗିରୀ ଛତୁରୁ ଦୁଇଟି ମୂଲ୍ୟଯୁକ୍ତ ପଦାର୍ଥ ଯଥା- ଛତୁ ସୁପ୍ ପାଉଡ଼ର ଏବଂ ଛତୁ ଚଟଣୀ ପାଉଡ଼ରକୁ ନେଇ ପରୀକ୍ଷଣ କରାଯାଇଥିଲା । ପରୀକ୍ଷଣରୁ ଦେଖାଯାଇଥିଲା ଯେ ଛତୁ ସୁପ୍ ପାଉଡ଼ରଟି, ଛତୁ ଚଟଣୀ ପାଉଡ଼ର ଅପେକ୍ଷା ଅଧିକ ଦିନ ପର୍ଯ୍ୟନ୍ତ ନଷ୍ଟ ନ ହୋଇ ରହିପାରୁଛି ଏବଂ ଏହାର ସ୍ୱାଦ ମଧ୍ୟ ଠିକ୍ ରହୁଛି । ଦୁଇଟି ମୂଲ୍ୟଯୁକ୍ତ ପଦାର୍ଥ ମଧ୍ୟରୁ ଛତୁ ସୁପ୍ ପାଉଡ଼ରଟି ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଥିଲା ଏବଂ ସେମାନେ ଏହି ସୁପ୍ ପାଉଡ଼ରକୁ ଆଗାମୀ ଭବିଷ୍ୟତରେ ଅଧିକ ପରିମାଣରେ ପ୍ରସ୍ତୁତ କରି ଏହାକୁ ବଜାରରେ ବିକ୍ରି କରିବାର ଯୋଜନା ମଧ୍ୟ ରଖିଛନ୍ତି ।




## ବ୍ରୋକୋଲି କିସମ ପୁଷା-କେ.ଟି.ଏସ୍.-୧ର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଆଜିକାଲି ବଜାରରେ ବିଦେଶାଗତ ପନିପରିବା ଯଥା- କ୍ୟାପ୍‌ସିକମ୍, ବ୍ରୋକୋଲି, ବୁଚିନି, ଚେରି ଟମାଟୋ ଇତ୍ୟାଦିର ଚାହିଦା ବଢ଼ିବାରେ ଲାଗିଛି । ଚାଷୀ ଭାଇମାନେ ଉକ୍ତ ପନିପରିବା ଚାଷ କରି ଅଧିକ ପଇସା ରୋଜଗାର କରିଥାଆନ୍ତି । ତେଣୁ ଚଳିତ ବର୍ଷ ୨୦୨୩-୨୪ ରେ କୃଷିବିଜ୍ଞାନ କେନ୍ଦ୍ର, ସୁବର୍ଣ୍ଣପୁର ଦ୍ୱାରା ଉଲୁଣ୍ଡା ବ୍ଲକ୍‌ର ବ୍ରାହ୍ମଣିପାଲି ଓ ବାଗବର ଗ୍ରାମରେ ଏକ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏକ ହେକ୍ଟର ଜାଗା ଚୟନ କରି ଶୀତଋତୁରେ ବ୍ରୋକୋଲି କିସମ ପୁଷା କେ.ଟି.ଏସ୍.-୧ ର ସୁସ୍ଥ ଚାରା ଚାଷୀଭାଇ ମାନଙ୍କୁ ଚାଷ କରିବା ପାଇଁ ପ୍ରଦାନ କରାଯାଇଥିଲା । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ଦୂରତାରେ ବ୍ରୋକୋଲି ଚାରା ଲଗାଇ ୟୁରିଆ- ସିଙ୍ଗଲ୍ ସୁପର ଫସଫେଟ୍, ମ୍ୟୁରେଟ୍ ଅଫ୍ ପଟାସ୍ ୧୧୦:୧୫୦:୪୦ କି.ଗ୍ରା. ହେକ୍ଟର ପ୍ରତି ପ୍ରୟୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ଏବଂ ଦେଖାଯାଇଥିଲା ଯେ ହେକ୍ଟର ପ୍ରତି ୩୨୮.୩ କ୍ୱିଣ୍ଟାଲ ଅମଳ ମିଳିଥିବା ବେଳେ ଫୁଲକୋବି ଚାଷ ତୁଳନାରେ ୧୬.୩ ପ୍ରତିଶତ ଅମଳ ବୃଦ୍ଧି ଘଟିଛି । ବଜାର ଚାହିଦା ମଧ୍ୟ ଅଧିକ ରହିଥିବାରୁ ହେକ୍ଟର ପିଛା ସମୁଦାୟ ଲାଭ ୭,୮୯,୯୮୦ ଟଙ୍କା ମିଳିପାରିଛି ।



## ସେବତୀ ଫୁଲ କିସମ - ବିଧାନ ଜୟନ୍ତୀର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଶୀତଋତୁରେ ବଜାରରେ ଅନେକ କିସମ ଫୁଲ ଉପଲବ୍ଧ ହୋଇଥାଏ ଯଥା- ଗେଣ୍ଡୁ, ରଜନୀଗନ୍ଧା, ଗୋଲାପ ଓ ସେବତୀ ଇତ୍ୟାଦି । ଆମ ରାଜ୍ୟ ଓଡ଼ିଶାରେ ଗେଣ୍ଡୁଫୁଲର ଚାହିଦା ବହୁତ ବେଶୀ, ଯେ କୌଣସି ସାମାଜିକ କାର୍ଯ୍ୟକ୍ରମ ତଥା ପୂଜା ପାଇଁ ମଧ୍ୟ ଏହି ଫୁଲକୁ ବ୍ୟବହାର କରାଯାଇଥାଏ । କିନ୍ତୁ ବଜାର ଚାହିଦା ଓ ଖାଉଟି ଚାହିଦା ସବୁବେଳେ ବଦଳୁଥାଏ । ଗେଣ୍ଡୁ ସହିତ ଅନ୍ୟାନ୍ୟ କିସମ ଫୁଲଚାଷ କରାଗଲେ ବଜାରରେ ବିକ୍ରିବଟା ସୁବିଧା ହୋଇପାରିଥାଏ । ଯେହେତୁ ଖାଉଟିକୁ ଏକାବେଳେ ବିଭିନ୍ନ କିସମର ଫୁଲ ମିଳିଥାଏ । ତେଣୁ ଚଳିତ ବର୍ଷ ରବି ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ସୁବର୍ଣ୍ଣପୁର ଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସହାୟତାରେ ସେବତୀ ଫୁଲଚାଷକୁ ଆଦୃତ କରାଇବା ଉଦ୍ଦେଶ୍ୟରେ ଏକ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ହାତକୁ ନିଆଯାଇଥିଲା । ଏହାଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମା' ଓ ଭଉଣୀମାନେ ମଧ୍ୟ ସ୍ୱାବଲମ୍ବୀ ହେବାର ଏକ ନୂତନ ଦିଗନ୍ତ ପାଇପାରିଥିଲେ ।

ଓ.ୟୁ.ଏ.ଟି.ର ସର୍ବଭାରତୀୟ ଗବେଷଣା ପ୍ରକଳ୍ପ (ଇଓଉଜଚ) ସହାୟତାରେ ସେବତୀ କିସମ 'ବିଧାନ ଜୟନ୍ତୀ'ର ଉତ୍ତମ କିସମ ଚାରା ଚାଷୀ ମା' ଓ ଭଉଣୀମାନଙ୍କୁ ପ୍ରଦାନ କରାଯାଇଥିଲା । ଉଲୁଣ୍ଡା ବ୍ଲକ୍‌ର ବାଗବର ଗ୍ରାମ, ସୋନପୁର ବ୍ଲକ୍‌ର ଶରଧାବାଲି ଓ ଖମ୍ଭେଶ୍ୱରୀ ଗ୍ରାମରେ ୦.୪ ହେକ୍ଟର ବା ଏକ ଏକର ଜମିରେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପେ ରୂପାୟନ କରାଯାଇଥିଲା ଏବଂ ଦେଖାଯାଇଥିଲା ଯେ ଗୋଟିଏ ଗଛରେ ହାରାହାରି ୧୨୬ଟି ଫୁଲ ଯାହାକି ପାଖାପାଖି ୩୧ ଦିନ ପର୍ଯ୍ୟନ୍ତ ଲଗାତାର ଫୁଲ ଫୁଟିଥିଲା । ଦେଶୀ କିସମ ସେବତୀ ଗଛରେ ହାରାହାରି ୧୧୭ଟି ଫୁଲ ମିଳିଥାଏ ଯାହାକି ବିଧାନ ଜୟନ୍ତୀ ଠାରୁ ଆକାରରେ ଛୋଟ ଓ ଗୁଣବତ୍ତାରେ କମ୍ ହୋଇଥାଏ । ଏହି ଫୁଲକୁ ଗୋଟିଏ ମାସ ଯାଏଁ ବଜାରରେ ବିକ୍ରି କରି ଚାଷୀଭାଇ ଓ ଭଉଣୀମାନେ ଲାଭବାନ୍ ହୋଇପାରିବେ । ଆହୁରି ମଧ୍ୟ ଏହି କିସମକୁ ଫୁଲହାର କରି ଓ ଗାମ୍ଲାରେ ସୁନ୍ଦର ଦେଖାଯିବା ପାଇଁ ବ୍ୟବହାର କରାଯାଇପାରିବ ।



ପ୍ରକାଶକ: କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର, ମୁଖ୍ୟ ସମ୍ପାଦକ : ଡଃ ବିଶ୍ୱରଞ୍ଜନ ପଟ୍ଟନାୟକ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
ସମ୍ପାଦକ : ତ୍ରିନାଥ ଖଣ୍ଡାୟତରାୟ, ଡଃ. ଡକ୍ଟର ସତ୍ୟବ୍ରତ ମଙ୍ଗରାଜ, ଶ୍ରୀମତୀ ଗୀତାଞ୍ଜଳି ପ୍ରଧାନ, ଶ୍ରୀମତୀ ସୁପ୍ରଭା ସେଠୀ, ଶ୍ରୀମତୀ ପ୍ରିୟମ୍ବଦା ଲୋପାମୁଦ୍ରା ରାୟ ।
2024030192

ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ପୋଷ୍ଟ ବ୍ୟାଗ୍ ନଂ - ୧, ସୁବର୍ଣ୍ଣପୁର-୭୬୭୦୧୭, ଦୂରଭାଷ : ୦୬୬୫୪-୨୨୧୦୦୯
Email : kvksonepur.ouat@gmail.com






# ସୁବର୍ଣ୍ଣା
# SUBARNA

KRUSHI VIGYAN KENDAR, SONEPUR
କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର
ଊନବିଂଶ ବର୍ଷ | ସଂଖ୍ୟା - ୨ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୪୦୩୦୧୯୨ | ଜାନୁୟାରୀ - ମାର୍ଚ୍ଚ ୨୦୨୪



## ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ
## ବାର୍ତ୍ତା

କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳର ସମ୍ପ୍ରସାରଣ କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ଏକ ଅଗ୍ରଣୀ ଅନୁଷ୍ଠାନ । କୃଷି କ୍ଷେତ୍ରରେ ବିଭିନ୍ନ ଫସଲ ଓ ପନିପରିବାର ଉତ୍ପାଦନ ବୃଦ୍ଧି ନିମନ୍ତେ କୃଷକ ଓ କୃଷିଜୀବୀ ମହିଳାମାନଙ୍କ ତାଲିମ୍, ଆଗୁଆ ଧାଡ଼ି ପ୍ରଦର୍ଶନ ଓ କୃଷକ ସହଭାଗିତାରେ ବିଭିନ୍ନ କୃଷିଭିତ୍ତିକ ଜ୍ଞାନ କୌଶଳର ପରୀକ୍ଷଣ କରାଯାଉଅଛି । ଏହା ସହ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଯେପରିକି କୃଷକ ମେଳା, କ୍ଷେତ୍ର ପ୍ରଦର୍ଶନ, କୃଷି ଉତ୍ପାଦକଙ୍କର ସମ୍ମିଳନୀ, ବୈଷୟିକ ସପ୍ତାହ ପାଳନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି ।

ନୂତନ କିସମର ଡାଲି, ତୈଳବୀଜ, ପନିପରିବା, ଫଳ ଫସଲରେ ମଞ୍ଜି ଓ ଚାରା ଉତ୍ପାଦନ କରି ଚାଷୀମାନଙ୍କୁ ଯୋଗାଇଦେବା, କୃଷିଜୀବୀ ମହିଳା ଓ ଗୃହିଣୀମାନଙ୍କୁ ଛତୁଚାଷ, ଫୁଲଚାଷ, ମହୁଚାଷ, କୁକୁଡ଼ା ଚାଷ ପରି ରୋଜଗାର ପନ୍ଥା ଯୋଗାଇବାରେ ଏହି କାର୍ଯ୍ୟାଳୟ ଜିଲ୍ଲାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି ।

'ସୁବର୍ଣ୍ଣା' ପତ୍ରିକା ମାଧ୍ୟମରେ ଜିଲ୍ଲାର ସମସ୍ତ ଚାଷୀମାନଙ୍କୁ ଆଗ୍ରହ ଓ ପ୍ରେରଣା ଯୋଗାଇ ଜନସାଧାରଣଙ୍କ ନିକଟରେ ଆଦୃତ ହେବ ବୋଲି ମୁଁ ଆଶା କରୁଛି ।

- ଡ. ବିଶ୍ୱ ରଞ୍ଜନ ପଟ୍ଟନାୟକ



## ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କ
## ବାର୍ତ୍ତା

କୃଷି, ଉଦ୍ୟାନକୃଷି, ପ୍ରାଣୀପାଳନ, ମତ୍ସ୍ୟଚାଷ ତଥା ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ଥିବା ଉନ୍ନତ ଜ୍ଞାନକୌଶଳକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀଭାଇମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲାସ୍ତରରେ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର କାର୍ଯ୍ୟ କରୁଛି । କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ଦ୍ୱାରା ସମ୍ପାଦିତ ହେଉଥିବା ବିଭିନ୍ନ କ୍ଷେତ୍ର ପରୀକ୍ଷଣ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ଏବଂ ଅନ୍ୟାନ୍ୟ ସମ୍ପ୍ରସାରଣ କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟରତ ଜିଲ୍ଲାର ସମ୍ପ୍ରସାରଣ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଚାଷୀମାନେ ଉପକୃତ ହୋଇପାରୁଛନ୍ତି ।

ଏହି ସବୁ କାର୍ଯ୍ୟକ୍ରମକୁ ନେଇ ସଂକଳିତ କୃଷି ସମାଚାର ପତ୍ରିକା 'ସୁବର୍ଣ୍ଣା'ର ସଫଳ ପ୍ରକାଶନ କାମନା କରୁଛି ।

- ଦେବରାଜ ଦାସ

## ଧାନ ଅମଳ ଅବଶେଷାଂଶର ବିଘଟନ ପାଇଁ ଅବଘଟକର କ୍ଷେତ୍ର ପରୀକ୍ଷଣ




ଆମ ରାଜ୍ୟରେ ଧାନ ସବୁଠାରୁ ମୁଖ୍ୟ ଫସଲ ଅଟେ । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଧାନ ଅମଳ ପରେ ଏହାର ଅବଶେଷାଂଶର ପରିଚାଳନା ଏକ କଷ୍ଟକର କାର୍ଯ୍ୟ ଅଟେ । ଧାନ ପରବର୍ତ୍ତୀ ଫସଲ ମୁଗ ଚାଷ କରିବା ପାଇଁ




ସାଧାରଣତଃ ଚାଷୀମାନେ ଏହି ନଡ଼ା/ପାଳକୁ ଜମିରେ ପୋଡ଼ି ଦେଇଥାନ୍ତି ଯଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ବୃଦ୍ଧି ସହ ମାଟିରେ ଥିବା ଉପକାରୀ ଜୀବମାନଙ୍କ ସଂଖ୍ୟା ମଧ୍ୟ କମି ଯାଇଥାଏ । ଏହି ସମସ୍ୟାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ ସୁବର୍ଣ୍ଣପୁର ତରଫରୁ ଧାନ ଅମଳ ଅବଶେଷାଂଶର ବିଘଟନ ପାଇଁ ୧ ହେକ୍ଟର ଜମିରେ ଅପଘଟକର କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । କ୍ଷେତ୍ର ପରୀକ୍ଷଣ ପାଇଁ ଜାତୀୟ ଧାନ ଗବେଷଣା କେନ୍ଦ୍ର ଓ ଭାରତୀୟ କୃଷି ଗବେଷଣା ସଂସ୍ଥା ତରଫରୁ ଅପଘଟକ ପ୍ରୟୋଗ କରାଯାଇଥିଲା । ପ୍ରୟୋଗର ୩୦-୪୦ ଦିନ ମଧ୍ୟରେ ସମସ୍ତ ପାଳ/ନଡ଼ା ପଚି ଯାଇଥିବା ସହ ପରବର୍ତ୍ତୀ ମୁଗ ଫସଲ ପାଇଁ ଜମି ପ୍ରସ୍ତୁତି ଅନୁକୂଳ ହୋଇଥିଲା ।

## ମୁଗରେ ସମନ୍ୱିତ ସାର ପରିଚାଳନାର କ୍ଷେତ୍ର ପ୍ରଦର୍ଶନ

ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ଡାଲି ଜାତୀୟ ଫସଲ ମଧ୍ୟରେ ମୁଗଚାଷ ପ୍ରଧାନ ଓ ଅତ୍ୟନ୍ତ ଲୋକପ୍ରିୟ । ଅନ୍ୟ ଡାଲି ଜାତୀୟ ଫସଲ ତୁଳନାରେ ମୁଗ ଫସଲ ଅଧିକ ମରୁଡ଼ି ସହିପାରେ । ସ୍ୱଳ୍ପ ଅବଧିର ହୋଇଥିବାରୁ ଯେକୌଣସି ଫସଲ ପର୍ଯ୍ୟାୟରେ ଏହାକୁ ସହଜରେ ଚାଷ କରାଯାଇଥାଏ । ଏହା ଯବକ୍ଷାରଜାନ ବିବନ୍ଧନ କରୁଥିବାରୁ ୩ ସପ୍ତାହ ବେଳକୁ ନିଜେ ନିଜର ଯବକ୍ଷାରଜାନ ଆବଶ୍ୟକତା ପୂରଣ କରିଥାଏ । ଏହାକୁ ଆଖିରେ ରଖି କୃଷି



ବିଜ୍ଞାନ କେନ୍ଦ୍ର, ସୁବର୍ଣ୍ଣପୁର ତରଫରୁ ୧ ହେକ୍ଟର ଜମିରେ ସୁବର୍ଣ୍ଣପୁର ଜିଲ୍ଲାର ବାଗବର ଓ ହରିଣାପାଲି ଗ୍ରାମରେ ମୁଗରେ ସମନ୍ୱିତ ସାର ପରିଚାଳନାର ଏକ କ୍ଷେତ୍ର ପ୍ରଦର୍ଶନ ପ୍ରଥମ ବର୍ଷ ପାଇଁ ଆରମ୍ଭ କରାଯାଇଥିଲା । ଚାଷୀଭାଇ ମାନେ ସାଧାରଣତଃ ଧାନ ଅମଳ ପରବର୍ତ୍ତୀ ସମୟରେ ମୁଗ ବୁଣି ବହୁତ କମ୍ ମାତ୍ରାରେ କିମ୍ବା କୌଣସି ସାର ପ୍ରୟୋଗ କରନ୍ତି ନାହିଁ । ଯଦ୍ୱାରା ମୁଗର ଅମଳ କମି ଯାଇଥାଏ । ତେଣୁ ଜ୍ଞାନ କୌଶଳ ହିସାବରେ ମୁଗ ବୁଣିବା ସମୟରେ ମାଟି ପରୀକ୍ଷା ଦ୍ୱାରା ସାର ପ୍ରୟୋଗ ଏବଂ ଏହା ସହ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ଏବଂ ୨.୫ କେଜି ବିହନରେ ୧.୨୫ କେଜି ରାଇଜୋବିୟମ୍‌ର ଉପଚାର କରିବା ପାଇଁ ଚାଷୀମାନଙ୍କୁ କୁହାଯାଇଥିଲା । ଅମଳ ସମୟରେ ମୁଗ ଛୁଇଁର ସଂଖ୍ୟା, ଆକାର ବୃଦ୍ଧି ସହ ଅଧିକ ଅମଳ ମଧ୍ୟ ଚାଷୀଭାଇ ମାନେ ଏହି ଜ୍ଞାନ କୌଶଳ ପ୍ରୟୋଗ କରି ପାଇଥିଲେ ।

## ଶିକ୍ଷଣୀୟ ପରିଭ୍ରମଣ

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ଜିଲ୍ଲାରେ ଏକ ବୈଷୟିକ ଜ୍ଞାନ ଓ ସମ୍ବଳ ଉତ୍ସ ରୂପେ କାର୍ଯ୍ୟ କରି ଆସୁଅଛି । ବହୁ ସମୟରେ ବିଭିନ୍ନ ଜିଲ୍ଲାରୁ ଓ ଜିଲ୍ଲା ମଧ୍ୟରୁ ଚାଷୀ, କୃଷିଜୀବୀ ମହିଳା, କୃଷି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କୁଲ୍ ଛାତ୍ରଛାତ୍ରୀ, କଲେଜ ଛାତ୍ରଛାତ୍ରୀ ତଥା ଅନ୍ୟ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ରରୁ ମଧ୍ୟ କୃଷକମାନେ ଶିକ୍ଷଣୀୟ ପରିଭ୍ରମଣରେ କୃଷି ବିଜ୍ଞାନ କେନ୍ଦ୍ର ସୋନପୁରର ପରିସରରେ ଥିବା ବିଭିନ୍ନ ପ୍ରଦର୍ଶନୀ ଏକକ ବୁଲିବା ପାଇଁ ଆସିଥାନ୍ତି । ଏହା ସହ ବୈଜ୍ଞାନିକମାନଙ୍କ ଠାରୁ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ମଧ୍ୟ ଆହରଣ କରି ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିଥାନ୍ତି ।



## ଟମାଟୋ ଫସଲରେ ବୀଜାଣୁ ଜନିତ ଝାଉଁଳା ରୋଗର ପୁରୋଭାଗ କ୍ଷେତ୍ର ପ୍ରଦର୍ଶନ

ସୁବର୍ଣ୍ଣପୁର ଜିଲ୍ଲା କୃଷି ଏବଂ ଉଦ୍ୟାନ କୃଷିରେ ଏକ ପ୍ରମୁଖ ଜିଲ୍ଲା ରୂପେ ପରିଚିତ । ଏଠାରୁ ଶୀତଦିନେ ଟମାଟୋ ବହୁଳ ପରିମାଣରେ ଚାଷ କରାଯାଇ (୧୨୫୦ ହେକ୍ଟର) ନିକଟସ୍ଥ ଜିଲ୍ଲା ଏବଂ ଭୁବନେଶ୍ୱର ଏବଂ କଟକ ଭଳି ସହରମାନଙ୍କୁ ପଠା ଯାଇଥାଏ । ମାତ୍ର ଏହି ଫସଲରେ ମୁଖ୍ୟତଃ ଫୁଲ





ଅବସ୍ଥାରେ ବୀଜାଣୁ ଜନିତ ଝାଉଁଳା ରୋଗ ବିଶେଷ ଭାବରେ ଆକ୍ରମଣ କରି ଅମଳ କମାଇ ଦେଇଥାଏ ।

ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ତରଫରୁ ଏହାର ଏକ ସମନ୍ୱିତ ରୋଗ ପରିଚାଳନାର ପୁରୋଭାଗ କ୍ଷେତ୍ର ପ୍ରଦର୍ଶନ ସୋନପୁର ବ୍ଲକସ୍ଥିତ କଦଳୀପାଲ୍ଲୀ ଗ୍ରାମରେ ୧୦ ଜଣ ଚାଷୀଙ୍କୁ ନେଇ ୧ ହେକ୍ଟର ଜମିରେ କରାଯାଇଥିଲା ।

ଏହି ରୋଗଟି ସାଧାରଣତଃ ଅମ୍ଳୀୟ ମାଟି ଏବଂ ସନ୍ତସନ୍ତିଆ ମାଟିରେ ଅଧିକ ପରିଲକ୍ଷିତ ହୋଇଥାଏ । ସେଥିପାଇଁ ଟମାଟୋ ଚାରା ରୋପଣ କରିବାର ୧୫ ଦିନ ପୂର୍ବରୁ ହେକ୍ଟର ପିଛା ୧୫ କେଜି ହିସାବରେ ବ୍ଲିଚିଂ ପାଉଡ଼ର ଜମିରେ ପ୍ରୟୋଗ କରାଯାଇ ତତ୍‌କ୍ଷଣାତ୍ ହଳ କରାଯାଇଥିଲା । ଚାରାଗୁଡ଼ିକୁ ପ୍ଲାଣ୍ଟୋମାଇସିନ୍ ଦ୍ରବଣରେ (୧ଲିଟର ପାଣିରେ ୧ ଗ୍ରାମ୍ ହିସାବରେ) ନେଇ ବିଶୋଧନ ତଥା ଆବଶ୍ୟକ ସ୍ଥଳେ କପର ଅକ୍ସିକ୍ଲୋରାଇଡ଼ (୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ) ମିଶ୍ରଣ କରି ଚାରାକୁ ୨୦ ଦିନ ପରେ ୧୦ ଦିନ ଅନ୍ତରରେ ୩ ଥର ମୂଳ ଭିଜା କରାଯାଇଥିଲା । ଏହାଦ୍ୱାରା ଏହି ରୋଗର ପ୍ରାଦୁର୍ଭାବ ଶତକଡ଼ା ୫୨-୩ ଭାଗ ହ୍ରାସ ପାଇଥିଲା ଏବଂ ଟମାଟୋ ଅମଳ ପ୍ରାୟ ଶତକଡ଼ା ୧୮.୭୨ ଭାଗ ଅଧିକ ମିଳିଥିଲା ।



## ଲଙ୍କା ଫସଲରେ ପତ୍ରମୋଚ ରୋଗର ସଫଳ କ୍ଷେତ୍ର ପ୍ରଦର୍ଶନ



ସୁବର୍ଣ୍ଣପୁର ଜିଲ୍ଲାରେ ଶୀତଦିନେ ପ୍ରାୟ ୭୨୦ ହେକ୍ଟର ଜମିରେ ଲଙ୍କା ଚାଷ କରାଯାଇଥାଏ । କିନ୍ତୁ ଏଥିରେ 'ପତ୍ରମୋଚ' ରୋଗ ହେବାଦ୍ୱାରା ଲଙ୍କାର ଅମଳ ପ୍ରାୟତଃ ବହୁତ ହ୍ରାସ ପାଇଥାଏ । ଏହାକୁ ଦୃଷ୍ଟିକୋଣରେ ରଖି କେନ୍ଦ୍ର ତରଫରୁ ଜିଲ୍ଲାର ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଅତାଲ ଗ୍ରାମରେ ୧୦ ଜଣ ଅଗ୍ରଣୀ ଲଙ୍କା ଚାଷୀଙ୍କୁ ନେଇ ୧ ହେକ୍ଟର ଜମିରେ ଏହାର ପରିଚାଳନାର ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ପତ୍ରମୋଚ ରୋଗ ଲଙ୍କା ଉକୁଣୀ ଏବଂ ଅଷ୍ଟପଦୀମାନଙ୍କ ଦ୍ୱାରା ବ୍ୟାପିଥାଏ । ଏଥିପାଇଁ ଏହାର ସମନ୍ୱିତ ପରିଚାଳନା ସ୍ୱରୂପ ପ୍ରଥମେ ଇମିଡ଼ାକ୍ଲୋପ୍ରିଡ଼୍ ୬୦୦% ଏଫ୍.ଏସ୍. ଦ୍ୱାରା ବିହନ ବିଶୋଧନ କରାଯାଇଥିଲା (ଏକ କେଜି ମଞ୍ଜି ପାଇଁ ୫ ମି.ଲି. ହିସାବରେ) ପରେ ସ୍ପାଇରୋମେସିଫେନ୍ ନାମକ ଏକ କୀଟନାଶକ ଔଷଧ (୧ ଲିଟର ପାଣିରେ ୧ ମି.ଲି.) ହିସାବରେ ମିଶ୍ରିତ କରାଯାଇ ଚାରାରୋପଣ କରିବାର ୩୦ ଏବଂ ୪୫ ଦିନରେ ୨ ଥର ପତ୍ର ସିଞ୍ଚନ କରାଯାଇଥିଲା । ଏହା ଫଳରେ ପତ୍ରମୋଚର ପ୍ରାଦୁର୍ଭାବ ଶତକଡ଼ା ୫୬.୪୮ ଭାଗ ହ୍ରାସ ପାଇଥିଲା ଏବଂ ଲଙ୍କା ଅମଳ ଶତକଡ଼ା ୨୧.୪୩ ଭାଗ ଅଧିକ ହୋଇଥିଲା । ଆଗାମୀ ଦିନରେ ମଞ୍ଜି ବିଶୋଧନ ଭଳି ଏକ ବ୍ୟୟସାପେକ୍ଷ ପଦ୍ଧତିକୁ ଆପଣେଇ ନେବାପାଇଁ ଚାଷୀ ଭାଇମାନେ ଦୃଢ଼ ମନସ୍ଥ କରିଅଛନ୍ତି ।

## ସ୍ୱଳ୍ପ ନିବେଶରେ ବାଡ଼ି ଅଗଣାରେ ଭେଜାଗୁଡ଼ା ପ୍ରଜାତି କୁକୁଡ଼ା ପାଳନର ଆଗୁଆ ଧାଡ଼ି ପ୍ରଦର୍ଶନ

ଆମ ଦେଶରେ କୁକୁଡ଼ା ପାଳନ ପରମ୍ପରା ବହୁ ପୁରାତନ । କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ । କୁକୁଡ଼ା ଚାଷକୁ କ୍ଷୁଦ୍ରଚାଷୀ, ଭୂମିହୀନ ଚାଷୀ ଏପରିକି ମହିଳା ଚାଷୀମାନେ ମଧ୍ୟ କରିପାରିବେ । ସାଧାରଣତଃ ଆବଦ୍ଧ ଘରେ କୁକୁଡ଼ା ପାଳନ ଅପେକ୍ଷା ଖୋଲା ଅଗଣା ବା ଘର ଅଗଣାରେ କୁକୁଡ଼ା ପାଳନରେ ଖୁବ୍ କମ୍ ଖର୍ଚ୍ଚ ହୋଇଥାଏ । ଗାଁ ଗହଳିରେ ଚାଷୀମାନେ ପ୍ରାୟତଃ ଦେଶୀ କୁକୁଡ଼ା ପାଳନ କରୁଥିବାର ଦେଖାଯାଇଥାଏ, ଯାହାର ଶାରୀରିକ ବୃଦ୍ଧି, ଅଣ୍ଡାଦିଆ କ୍ଷମତା ଏବଂ ରୋଗ ପ୍ରତିରୋଧକ ଶକ୍ତି ବିଭିନ୍ନ ଉନ୍ନତ ପ୍ରଜାତିର କୁକୁଡ଼ା ଠାରୁ ବହୁତ କମ୍ । ଯାହା ଫଳରେ କି ଚାଷୀ ଦେଶୀ କୁକୁଡ଼ା ପାଳନରେ ବିଶେଷ ଲାଭବାନ୍ ହୋଇ ନଥାଏ । ତେଣୁ ବ୍ୟବସାୟିକ ଦୃଷ୍ଟିକୋଣକୁ ଆଖି ଆଗରେ ରଖି କିପରି ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ଉନ୍ନତ ପ୍ରଜାତିର କୁକୁଡ଼ା 'ଭେଜାଗୁଡ଼ା'କୁ ଘର ଅଗଣାରେ ପାଳନ କରାଯାଇପାରିବ, ତା'ର ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ପୋଷ୍ୟଗ୍ରାମ ଲକର୍ମା, ପତ୍ରାପାଲି ଏବଂ ଜାମପାଲି ଠାରେ ରବି ୨୦୨୩-୨୪ରେ କରାଯାଇଥିଲା । ଏହି ପ୍ରଦର୍ଶନ ମାଧ୍ୟମରେ ତିନୋଟି ଗ୍ରାମର ୧୦ ଜଣ ଚାଷୀଙ୍କୁ ୨୦ଟି ଲେଖାଏଁ ୨୧ ଦିନିଆ କୁକୁଡ଼ା ଦିଆଯାଇଥିଲା । ଏହି ପ୍ରଦର୍ଶନ ମାଧ୍ୟମରେ ଚାଷୀମାନେ କିପରି ଦାନା ଖର୍ଚ୍ଚ କମ୍ କରି ପରିବେଶରୁ ପ୍ରାପ୍ତ ଖାଦ୍ୟ ଯେପରିକି ଶାଗ, ଘାସ, ପୋକଜୋକ ଇତ୍ୟାଦି ଓ ପରିବାରର ବଳକା ଖାଦ୍ୟ, ଖୁଦ ଇତ୍ୟାଦିକୁ ବ୍ୟବହାର କରି କୁକୁଡ଼ା ପାଳନ କରି ଲାଭବାନ ହୋଇପାରିବେ ସେ ଉପରେ ମଧ୍ୟ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା ।

